To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
S A K A L A

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-15, Issue No.289, ଭଦ୍ରକ, ମଙ୍ଗଳବାର, ୨୪, ଏପ୍ରିଲ୍ ୨୦୧୮ ■ Bhadrak, Tuesday, 24 April 2018 Rs. 2.00 Pages-8

### ଚୀନ ସୀମାରେ ୭ଟି ନୂଆ ମିଲିଟାରୀ ଏୟାରଫିଲ୍ଡ ନିର୍ମାଣ କରିବ ଭାରତ

# କଳାକାର କେତେ ସୁରକ୍ଷିତ ?

# ଉଷସୀଙ୍କୁ ଅସଦାଚରଣ

- କଣିହାଁ ଥାନାରେ ଏତଲା
- ଗଠନ ହେଲା ୩ ଜଣିଆ ଟିମ
- ଖୁବ୍‌ଶୀଘ୍ର ଗିରଫ ହେବ ଅଭିଯୁକ୍ତ : ଏସ୍‌ପି

ଅନୁଗୁଳ,୨୩।୪ (ସକାଳ ଖବର) : ଅଭିନେତ୍ରୀ ଉଷସୀ ମିଶ୍ରଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଅନୁଗୁଳ କଣିହାଁରେ ଯାତ୍ରା ପେଣ୍ଡାଲକୁ ଯିବାବେଳେ ତାଙ୍କୁ ଅସଦାଚରଣ କରାଯାଇଛି। ଏହା ସହିତ ତାଙ୍କ କାରକୁ ମଧ୍ୟ ଭଙ୍ଗାରୁଜା କରାଯାଇଥିବା ନେଇ ଉଷସୀ ମିଶ୍ର ଆଜି ସକାଳେ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଇଷ୍ଟର୍ଣ୍ଣ କ୍ଲବ ଅପେରାରେ କାମ କରୁଥିବା ଉଷସୀ ଗତକାଲି ରାତିରେ ଡେରଙ୍ଗରେ ଚାଲିଥିବାବେଳେ ଯାତ୍ରାରେ ଅଭିନୟ କରିବାକୁ ଯାଇଥିଲେ । ରାତି ପ୍ରାୟ ତିନିଟାରେ ସେ ପେଣ୍ଡାଲକୁ ଯିବାବେଳେ ତାଙ୍କୁ ଦେଖିବାକୁ ଭିଡ଼ ଜମିଥିଲା । ଏହି ସମୟରେ ଇନ୍ଦ୍ରମଣି ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ପୁଅ ତାଙ୍କୁ ଜୋର୍‌ରେ ଧକ୍କା ଦେଇଥିଲା। ଏହି ଘଟଣାରେ ରାଗି ଯାଇ ଉଷଶ୍ରୀ ତାକୁ ଚାପୁଡ଼ା ମାରିଥିଲେ। ଏହା ପରେ ଇନ୍ଦ୍ରମଣି ଓ ତାଙ୍କର ଦୁଇ ପୁଅ ଉଷସୀଙ୍କୁ ଅସଦାଚରଣ କରିଥିଲେ ଏବଂ ତାଙ୍କୁ ଚାପୁଡ଼ା ମାରିଥିଲେ ବୋଲି ସେ ସୋସିଆଲ୍ ମିଆରେ ପୋଷ୍ଟ କରିଛନ୍ତି। ତାଙ୍କୁ ଗାଳି ଗୁଲଜ କରିବା ସହିତ ତାଙ୍କ ଗାଡ଼ିକୁ ଭଙ୍ଗରୁଜା କରିଥିଲେ । ଯାତ୍ରାସ୍ଥଳରେ ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ସ୍ଥାନୀୟ ଲୋକ ଯାତ୍ରା କରାଇ ଦେବେ ନାହିଁ ବୋଲି ଜିଦ ଧରିଥିଲେ। ତେବେ ପୋଲିସର ହସ୍ତକ୍ଷେପ ପରେ ଯାତ୍ରା ଆରମ୍ଭ ହୋଇଥିଲା ବୋଲି ପାଲଲହଡ଼ା ଏସ୍‌ଡିପିଓ ଯଶୋବନ୍ତ ସାମଲ କହିଛନ୍ତି । ଅନ୍ୟପକ୍ଷରେ ଆଜି ସକାଳୁ ଉଷସୀ କଣିହାଁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାର କରି ତଦନ୍ତ କରାଯାଉଛି ବୋଲି ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ମିଶ୍ର କହିଛନ୍ତି। ଉଷସୀ ମିଶ୍ରଙ୍କୁ ଅସଦାଚରଣ ମାମଲାର ତଦନ୍ତ ପାଇଁ ତିନି ଜଣିଆ ଟିମ୍ ଗଠନ କରାଯାଇଛି। ଅନୁଗୋଳ ଏସ୍‌ପି ଏହି ଟିମ୍‌କୁ ଗଠନ କରିଛନ୍ତି। ଭିଡ଼ିଓ ଫୁଟେଜ୍ ଆଧାରରେ ମାମଲାର ତଦନ୍ତ କରାଯିବ। ଖୁବ୍‌ଶୀଘ୍ର ଅଭିଯୁକ୍ତ ଗିରଫ କରାଯିବ ବୋଲି ଏସ୍‌ପି ମିତ୍ରଭାନୁ ମହାପାତ୍ର କହିଛନ୍ତି। ଅଭିନେତା ଓ ଅଭିନେତ୍ରୀ କେତେ ସୁରକ୍ଷିତ ତାହାକୁ ନେଇ ଏବେ ଉଠିଛି ପ୍ରଶ୍ନ । ଅଭିନେତ୍ରୀ ଉଷସୀ ମିଶ୍ରଙ୍କୁ ଅସଦାଚରଣ ଯେଭଳି କରାଯାଇଛି ତାହାକୁ ଦେଖିଲା ପରେ ସିନେ ଓ ଯାତ୍ରା ଜଗତର କଳାକାରମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଏପରିକି ଏଭଳି କାଣ୍ଡ ଭିଆଇଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି।

# କୋର୍ଟରେ ସ୍ତ୍ରୀକୁ ହାଣି ମାରିଦେଲା ସ୍ୱାମୀ

## ଭୁଜାଲି ଚୋଟରେ ଶାଶୁ ଓ ଝିଆରୀ ଗୁରୁତର

ସମ୍ବଲପୁର, ୨୩।୪ (ସକାଳ ଖବର) : ସମ୍ବଲପୁରରେ ପରିବାର ଅଦାଲତରେ ଜଣେ ଯୁବକ ଏକ ଉନ୍ମତକାଣ୍ଡ କରିଛି । ପାରିବାରିକ କଳହର ସମାଧାନ ପାଇଁ କୋର୍ଟକୁ ଆସଥିବା ବେଳେ ନିଜ ସ୍ତ୍ରୀ ଓ ସଂପର୍କୀୟଙ୍କ ଉପରେ ଆକ୍ରମଣ କରିଛି । ଫଳରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ସଂଜିତାର ବୁର୍ଲା ମେଡିକାଲରେ ମୃତ୍ୟୁ ହୋଇଥିବା ବେଳେ ଶାଶୁ ଓ ସଂପର୍କୀୟ ଝିଆରୀ ଗୁରୁତର ଅଛନ୍ତି । ତାଙ୍କର ସମ୍ବଲପୁର ସଦର ମେଡିକାଲରେ ଚିକିତ୍ସା ଚାଲିଛି । ଅଭିଯୁକ୍ତ ସ୍ୱାମୀ ରମେଶ କୁମ୍ଭାରକୁ ପୋଲିସ ଗିରଫ କରିଛି । ସୂଚନା ମୁତାବକ, ପାରିବାରିକ କଳହର ସମାଧାନ ପାଇଁ ଆଜି ସକାଳେ ସମ୍ବଲପୁର ଫ୍ୟାମିଲ କୋର୍ଟକୁ ସିନ୍ଦୁରପଙ୍କ ଗ୍ରାମର ରମେଶ କୁମ୍ଭାର ଓ ଅନ୍ୟପକ୍ଷରୁ ତାଙ୍କ ସ୍ତ୍ରୀ ସଂଜିତାଙ୍କ ସହିତ ଶ୍ୱଶୁର ଘର ଲୋକ ଆସିଥିଲେ । ଆଜି କାଉନସେଲିଂ ହୋଇଥାଆନ୍ତା ଛ ମାତ୍ର ଏହା ପୂର୍ବରୁ ରମେଶ କୋର୍ଟ ପରିସରରେ ଏକ ଛୁରୀରେ ସ୍ତ୍ରୀ, ଶାଶୁ ଓ ଶାଳୀର ଝିଅକୁ ମରଣାନ୍ତକ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ତିନି ଜଣଙ୍କୁ ପ୍ରଥମେ ସଦର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସଂଜିତାଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ସେଠାରେ ସଂଜିତାଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷରେ ଶାଶୁ ଲଳିତା ଚୌଧୁରୀ ଓ ତାଙ୍କ ନାତୁଣୀ ସଦର ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ପୋଲିସ ଅଭିଯୁକ୍ତ ରମେଶକୁ ଅଟକ ରଖିଛି । ଏଠାରେ ଉଲ୍ଲେଖଯୋଗ୍ୟ, ରମେଶ ଓ ସଂଜିତାଙ୍କର ପ୍ରେମ ବିବାହ ହୋଇଥିଲା । ମାତ୍ର ଏହାକୁ ସାମାଜିକ ସ୍ୱୀକୃତି ମିଳି ନ ଥିଲା । ରିତିନୀତି ଅନୁସାରରେ **(ପୃଷ୍ଠା-୭)**

### ପାର୍ସଲ ବୋମା ବିସ୍ଫୋରଣ ଘଟଣା

# କ୍ରାଇମବ୍ରାଞ୍ଚକୁ ଗୁରୁତ୍ୱପୂର୍ଣ୍ଣ ସୁରାକ୍

ଭୁବନେଶ୍ୱର,୨୩।୪ (ସକାଳ ଖବର) :ପାଟଣାଗଡ଼ ବିସ୍ଫୋରଣ ମାମଲାରେ ମୁହଁ ଖୋଲିଛନ୍ତି ପୋଲିସ ଡିଜି ରାଜେନ୍ଦ୍ର ପସାଦ ଶର୍ମା । ଏପରିକି କାଇମବାଞ୍ଚକୁ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଛି ବୋଲି ଡିଜି ସୂଚନା ଦେଇଛନ୍ତି । ମିଳିଥିବା ସୁରାକ ଆଧାରରେ ତଦନ୍ତ ଆଗକୁ ବଢୁଥିବା ସେ କହିଛନ୍ତି । ସୂଚନଯୋଗ୍ୟ କି, ଦୁଇ ମାସ ଧରି ଚାଲିଥିବା ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଦିନକୁ ଦିନ ରୋଚକ ମୋଡ ନେଉଛି । ଦୁଇଦିନ ତଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ମୃତ ସୌମ୍ୟ ଶେଖରଙ୍କ ମା ଅଧକ୍ଷ ଥିବା ଭଇଁଷା ଜ୍ୟୋତିବିକାଶ କଲେଜର **(ପୃଷ୍ଠା-୭)**

# ଦୁଷ୍କର୍ମକୁ ନେଇ ଗୃହରେ ହଟ୍ଟଗୋଳ

## ଗୃହ ବାରମ୍ବାର ମୁଲତବୀ

ଭୁବନେଶ୍ୱର ୨୩।୪ (ସକାଳ ଖବର) :- ଗୋଟିଏ ଦିନରେ ଚାରି ଜଣ ଶିଶୁ କନ୍ୟାଙ୍କ ସହ ଦୁଷ୍କର୍ମ ମାମଲାକୁ ନେଇ ସୋମବାର ଦିନ ବିଧାନସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି ଓ ଗୃହ ବାରମ୍ବାର ମୁଲତବୀ ହୋଇଛି । ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ବାରମ୍ବାର ହଟ୍ଟଗୋଳ ହେବା କାରଣରୁ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇ ପାରି ନ ଥିଲା ଓ ଶୂନ୍ୟ କାଳ ମଧ୍ୟ ଖୁବ କମ ସମୟ ପାଇଁ ଚାଲି ପାରିଥିଲା । ସୋମବାର ଦିନ ନିର୍ଦ୍ଧାରିତ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ପ୍ରଦୀପ ଅମାତ ପ୍ରଶ୍ନୋତର କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯିବା ବେଳେ ବିରୋଧୀ କଂଗ୍ରେସ ଓ ବିଜେପି ବିଧାୟକ ମାନେ ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରିଥିଲେ ଓ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ । ଫଳରେ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ପରେ ୧୧.୩୦ରେ ଗୃହ କାର୍ଯ୍ୟ ପୁଣି ଥରେ ଆରମ୍ଭ ହେଲା ମାତ୍ରେ ବିରୋଧୀ ଦଳର ନେତା ନରସିଂହ **(ପୃଷ୍ଠା-୭)**

# ସିଜେଆଇଙ୍କ ବିରୁଦ୍ଧରେ ମହାଭିଯୋଗ ଖାରଜ

## ସୁପ୍ରିମକୋର୍ଟ ଯିବ କଂଗ୍ରେସ

ନୂଆଦିଲ୍ଲୀ, ୨୩।୪: ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ପଦରୁ ହଟାଇବା ପାଇଁ ବିରୋଧୀଙ୍କ ପକ୍ଷରୁ ଆଗତ ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟସଭାର ଅଧକ୍ଷ ଭେଙ୍କେୟା ନାଇଡୁ ଖାରଜ କରି ଦେଇଛନ୍ତି । କଂଗ୍ରେସ ଏବେ ଉପରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତିର ସମାଲୋଚନା କରିଛି । କଂଗ୍ରେସ କହିଛି ଉପରାଷ୍ଟ୍ରପତି ବହୁ ତରବରିଆ ଭାବେ ପ୍ରସ୍ତାବକୁ ଖାରଜ କରିଛନ୍ତି । ଦଳ ଏହା ମଧ୍ୟ ଅଭିଯୋଗ କରିଛି ଯେ ଖାରଜ କରିବା ପୂର୍ବରୁ ନାଇଡୁ କୌଣସି ବିଶେଷଜ୍ଞଙ୍କଠୁ ପରାମର୍ଶ ନେଇ ନାହାନ୍ତି । ଏବେ କଂଗ୍ରେସ ନାଇଡୁଙ୍କ ଏହି ନିଷ୍ପତ୍ତ ବିରୋଧରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବ । ଦଳର ବରିଷ୍ଠ ନେତା କପିଲ ସିବଲ କହିଛନ୍ତି ମୁଖ୍ୟ ବିଚାରପତିଙ୍କ ବିରୋଧରେ ଅଣାଯାଇଥିବା ମହାଭିଯୋଗ ପ୍ରସ୍ତାବକୁ ଖାରଜ କରିବା ଉପରାଷ୍ଟ୍ରପତିଙ୍କ ଏହି ନିଷ୍ପତ୍ତି ତର୍କ ସଙ୍ଗତ ନୁହେଁ । ସାମ୍ବିଧାନିକ ନିୟମ ଅଧିନରେ ରାଜ୍ୟସଭା ଅଧକ୍ଷଙ୍କ କାମ ହେଉଛି କେବଳ ଆବଶ୍ୟକ ସାଂସଦଙ୍କ ନମ୍ବର ଦେଖିବା ଏବଂ ସେମାନଙ୍କର ହସ୍ତାକ୍ଷରର ଯାଞ୍ଚ କରିବା । ମାତ୍ର ଉପରାଷ୍ଟ୍ରପତି ପ୍ରସ୍ତାବକୁ ଖାରଜ କରିବା ପୂର୍ବରୁ ଅତି କମରେ କଲେଜିୟମର ରାୟ ତ ନେବାର ଥିଲା । ଏଥିରୁ ସ୍ପଷ୍ଟ ଲାଗୁଛି ଯେ ଉପରାଷ୍ଟ୍ରପତି ବହୁତ ତରବରିଆ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟ ବିଚାରପତିଙ୍କ ଉପରେ ଲଗାଯାଇଥିବା ଏହି ଅଭିଯୋଗର ତଦନ୍ତ କରିବାର ଅଧିକାର ରାଜ୍ୟସଭାର ଅଧକ୍ଷଙ୍କ ପାଖରେ ନାହିଁ । ପୂର୍ଣ୍ଣକାଳୀନ ତଦନ୍ତ କମିଟି ହିଁ ଏହା ଉପରେ ନିଷ୍ପତ୍ତି କରି ପାରିବ ଯେ ଲଗାଯାଇଥିବା ଅଭିଯୋଗ ଠିକ୍ କି ଭୁଲ । ମାତ୍ର ରାଜ୍ୟସଭାର ଅଧକ୍ଷ ବିଭ୍ରାନ୍ତିକର ଗୋଳମାଳିଆ ସ୍ଥିତିରେ ପ୍ରସ୍ତାବକୁ ଖାରଜ କରିଛନ୍ତି । ଏହି ନିଷ୍ପତ୍ତି ବିରୋଧରେ ଦଳ ସୁପ୍ରିମକୋର୍ଟରେ ଅପିଲ କରିବ ବୋଲି ସିବଲ କହିଛନ୍ତି । ସିବଲ କହିଛନ୍ତି ଏହି ବିଷୟରେ ଆମେ ବହୁତ କିଛି କହିବାକୁ ଚାହୁଁନାହୁଁ, ମାତ୍ର ଏହା କହିବୁ ଯେ ଏହି ନିଷ୍ପତ୍ତି ଅବୈଧ ଅଟେଛ ଏହି ନିଷ୍ପତ୍ତିକୁ ଅଭୁତପୂର୍ବ କୁହାଯାଇ ପାରିବ । ମହାଭିଯୋଗ ପଛରେ ଆମର ଉଦେଶ୍ୟ ରାଜନୈତିକ ନୁହେଁ ବରଂ ନିରପେକ୍ଷ ନ୍ୟାୟପାଳିକା ଏବଂ ସାମ୍ବିଧାନିକ ସଂସ୍ଥାର ମଜଭୁତ ପାଇଁ ଏକ ପ୍ରୟାସ ଥିଲା । ଶୁକ୍ରବାର ଦିନ ସାତଟି ରାଜନୈତିକ ଦଳର ପ୍ରାୟ ୬୪ ଜଣ ସାଂସଦ ପ୍ରଧାନ ବିଚାରପତିଙ୍କ ବିରୁଦ୍ଧରେ ଆଗତ ମହାଭିଯୋଗ ପ୍ରସ୍ତାବରେ ଦସ୍ତଖତ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ କଂଗ୍ରେସ, ଏନ୍‌ସିପି, ସିପିଏମ୍, ସିପିଆଇ, ଏସ୍‌ପି, ବିଏସ୍‌ପି ଏବଂ ମୁସ୍‌ଲିମ୍ ଲିଗ୍‌ର ସାଂସଦମାନେ । ରାଜ୍ୟସଭା ଅଧକ୍ଷ ନାଇଡୁଙ୍କ ନିକଟରେ ଦାଖଲ କରାଯାଇଥିବା ଏହି ପ୍ରସ୍ତାବନା ବିଷୟରେ ଗତକାଲି ଆଟର୍ଣ୍ଣି ଜେନେରାଲ୍‌କେକେ ବେଣୁଗୋପାଳ ଏବଂ ପୂର୍ବତନ ଶୀର୍ଷସ୍ତରୀୟ ଆଇନ ଅଧିକାରୀ କେ ପରାସରନ୍‌ଙ୍କ ସମେତ ବହୁସାମ୍ବିଧାନିକ ବିଶେଷଜ୍ଞଙ୍କ ସହ ପରାମର୍ଶ କରା ଯାଇଥିଲା । ଏହାଛଡ଼ା ନାଇଡୁ ପୂର୍ବତନ ଲୋକସଭା ସେକ୍ରେଟାରି ଜେନେରାଲ୍ ସୁଭାଷ କଶ୍ୟପ, ପୂର୍ବତନ ଆଇନ୍‌ସଚିବ ପି କେ ମାଲହୋତ୍ରା ଏବଂ ପୂର୍ବତନ କାର୍ଯ୍ୟପାଳିକ ସଚିବ ସଞ୍ଜୟ ସିଂହଙ୍କ ସହ ମଧ୍ୟ ଏ ସଂକ୍ରାନ୍ତରେ ପରାମର୍ଶ କରିଥିଲେ । ରାଜ୍ୟସଭା ସଚିବାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେଛ ଏହାଛଡ଼ା ସେ ସର୍ବୋଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ବି ସୁଦର୍ଶନ ରେଡ୍ଡୀଙ୍କୁ ମଧ୍ୟ ଏ ପ୍ରସଙ୍ଗରେ ପଚାରିଥିଲେ ।

# ନାଗାଲାଣ୍ଡରୁ ହଟିଲା ଅଫସ୍ପା

ନୂଆଦିଲ୍ଲୀ, ୨୩।୪: କେନ୍ଦ୍ରୀୟ ଗୃହ ମନ୍ତ୍ରଣାଳୟ ସୋମବାର ମେଘାଳୟରୁ ବିବାଦସ୍ପଦ ଆର୍ମ୍ଡ ଫୋର୍ସ ସ୍ପେଶାଲ ଆକ୍ଟକୁ ସଂପୂର୍ଣ୍ଣ ଭାବେ ହଟାଇ ନେଇଛନ୍ତି । ଏହି ପରି ଅରୁଣାଚଳ ପ୍ରଦେଶର ଅନେକ କ୍ଷେତ୍ରରୁ ମଧ୍ୟ ଏହି ଆକ୍ଟକୁ ହଟାଇ ନିଆଯାଇଛି । ଏହି କାନୁନ ଆଧାରରେ ସୁରକ୍ଷା ବଳଙ୍କୁ ବିଶେଷ ଅଧିକାର ମିଳିଥିଲା, ଯାହାକୁ ଦୀର୍ଘ ଦିନ ଧରି ବିରୋଧ କରାଯାଉଥିଲାଛ ୨୦୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ମେଘାଳୟର ୪୦ ପ୍ରତିଶତ ଅଞ୍ଚଳରେ ଅଫସ୍ପା ଲାଗୁ ଥିଲାଛ ରାଜ୍ୟ ସରକାରଙ୍କ ସହ ବିଚାର ବିମର୍ଶ ପରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ମେଘାଳୟରୁ ଅଫସ୍ପାକୁ ସଂପୂର୍ଣ୍ଣ ହଟାଇ ଦେବାକୁ ନିଷ୍ପତ୍ତି ନେଇଥିଲେ । ଏହି ପ୍ରକାର ଅଫସ୍ପା ଏବେ ଅରୁଣାଚଳ ପ୍ରଦେଶର କେବଳ ୮ ପୋଲିସ ଷ୍ଟେସନରେ ଲାଗୁ ହେବ, ଯାହା ଏହା ୨୦୧୭ରେ ୧୬ଟି ପୋଲିସ ଷ୍ଟେସନରେ ଲାଗୁ ହୋଇଥିଲା । ଅନ୍ୟ ଏକ ନିଷ୍ପତ୍ତି କ୍ରମେ ଗୃହ ମନ୍ତ୍ରଣାଳୟ ପୂର୍ବାଞ୍ଚଳରେ ଉଗ୍ରବାଦୀଙ୍କ ପାଇଁ ଆତ୍ମସମର୍ପଣ ଏବଂ ପୁର୍ନାବାସ ନୀତି ଆଧାରରେ ମିଳୁଥିବା ଏକ ଲକ୍ଷ ଟଙ୍କାର ସହାୟତା ରାଶିକୁ ବଢ଼ାଇ ୪ ଲକ୍ଷ ଟଙ୍କା କରିଛନ୍ତି । ଏହି ନୀତି ୨୦୧୮ ଏପ୍ରିଲ ୧ରୁ ଲାଗୁ ହେବ । ଏହା ବ୍ୟତୀତ କେନ୍ଦ୍ର ସରକାର ବିଦେଶୀ ନାଗରିକଙ୍କ ଯାତ୍ରା ପାଇଁ ମଧ୍ୟ ବଡ଼ ନିଷ୍ପତ୍ତି ନେଇଛନ୍ତି । ସରକାର ମଣିପୁର, ମିଜୋରମ ଓ ନାଗାଲାଣ୍ଡ ଯାଉଥିବା ବିଦେଶୀଙ୍କ ପାଇଁ ପ୍ରତିବନ୍ଧିତ କ୍ଷେତ୍ରର ପରମିଟ୍ ଓ ସଂରକ୍ଷିତ କ୍ଷେତ୍ରର ପରମିଟରେ କିଛି ରିହାତି ଦେଇଛନ୍ତି । ମାତ୍ର ଉକ୍ତ ଇଲାକାରେ ପରିଦର୍ଶନ ପାଇଁ କିଛି ଦେଶଙ୍କ ଉପରେ ପ୍ରତିବନ୍ଧକ ଏବେ ମଧ୍ୟ ଜାରି ରହିବ । ଏହି ଦେଶରେ ପାକିସ୍ତାନ, ଆଫଗାନିସ୍ତାନ ଓ ଚୀନ ସାମିଲ ରହିଛି । ଉଲ୍ଲେଖଯୋଗ୍ୟ ଗତ ୪ ବର୍ଷରେ ପୂର୍ବାଞ୍ଚଳରେ ଉଗ୍ରବାଦ ସମ୍ବନ୍ଧିତ ଘଟଣାରେ ୬୩ ପ୍ରତିଶତ ହ୍ରାସ ଘଟିଛି । ଗୃହ ମନ୍ତ୍ରଣାଳୟ ନିଜର ବୟାନରେ କହିଛି ଯେ ୨୦୧୭ରେ ନାଗରିକଙ୍କ ମୃତ୍ୟୁରେ ୮୩ ପ୍ରତିଶତ ଓ ସୁରକ୍ଷାବଳଙ୍କ ହତାହତ ହେବା ମାମଲାରେ ୪୦ ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ

ହୁଣ୍ଡିର ଆୟ (୨୦.୪.୧୮)
୨,୭୧,୫୨୫

# ଆଜି ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୪ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଜାତୀୟ ପଂଚାୟତିରାଜ ଦିବସ ଅବସରରେ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ କରିବେ । ମଧ୍ୟପ୍ରଦେଶର ମାଣ୍ଡଲାଠାରେ ଆୟୋଜିତ ପଂଚାୟତିରାଜ ଦିବସ ସମାରୋହରେ ଏହି ଅଭିଯାନର ଆନୁଷ୍ଠାନିକ ଶୁଭାରମ୍ଭ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମାଣ୍ଡଲାରୁ ସମଗ୍ର ଦେଶର ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରିବେ । ସେହିପରି ସେଠାରେ ଏକ ଜନସମାବେଶକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଦ୍‌ବୋଧନ ଦେବେ । ଆଗାମୀ ୫ ବର୍ଷ ମଧ୍ୟରେ ଆଦିବାସୀମାନଙ୍କର ସାମଗ୍ରିକ ବିକାଶ ପାଇଁ ଉଦ୍ଦିଷ୍ଟ ଏକ ମାର୍ଗଚିତ୍ର ବା ରୋଡ ମ୍ୟାପକୁ ପ୍ରଧାନମନ୍ତ୍ରୀ ଏହି ଅବସରରେ ଉନ୍ମୋଚନ କରିବେ । ମଧ୍ୟପ୍ରଦେଶର ମାଣ୍ଡଲା ଜିଲ୍ଲାର ମାନେରୀଠାରେ ଭାରତୀୟ ତୈଳ ନିଗମ ପକ୍ଷରୁ ନିର୍ମିତ ହେବାକୁ ଥିବା ଏକ ଏଲପିଜି ଗ୍ୟାସ ବଟଲିଂ ପ୍ଲାଣ୍ଟର ଆଧାରଶିଳା ମଧ୍ୟ ରଖି ପ୍ରଧାନମନ୍ତ୍ରୀ ଏକ ସ୍ଥାନୀୟ ପ୍ରଶାସନ ଡିରେକ୍ଟୋରିର ଶୁଭ ଉନ୍ମୋଚନ କରିବେ । ଏକ ସ୍ୱଚ୍ଛ, ସୁସ୍ଥ ଓ ଆଲୋକିତ ଭାରତର ପ୍ରତିବଦ୍ଧତାକୁ ସାକାର କରିବା ଦିଗରେ ଆଉ ଏକ ପାଦ ଆଗକୁ ବଢ଼ି ପ୍ରଧାନମନ୍ତ୍ରୀ ଏହି ଅବସରରେ ଆୟୋଜିତ ସମାରୋହରେ ସ୍ଥାନୀୟ ସରପଂଚମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରିବେ । ବିଶେଷକରି ଶତ ପ୍ରତିଶତ ଧୂମହୀନ ରୋଷେଇ ଘର ନିର୍ମାଣ, ମିଶନ ଇନ୍ଦ୍ରଧନୁଷ ଅଧିନରେ ଶତ ପ୍ରତିଶତ ଟୀକାକରଣ ଓ ସୌଭାଗ୍ୟ ଯୋଜନା ଅଧିନରେ ଶତ ପ୍ରତିଶତ ଗ୍ରାମ୍ୟ ବିଦ୍ୟୁତକରଣ ଲକ୍ଷ୍ୟ ହାସଲ କରିଥିବା ପଞ୍ଚାୟତର ସରପଞ୍ଚମାନଙ୍କୁ ପୁରସ୍କୃତ କରାଯିବ । ସର୍ବଶ୍ରେଷ୍ଠ ପଂଚାୟତ ପୁରସ୍କାର ଯୋଜନା ଅଧିନରେ ରାଷ୍ଟ୍ରୀୟ ଇ-ପଂଚାୟତ ପୁରସ୍କାର ଏବଂ ଗ୍ରାମ ପଂଚାୟତ ବିକାଶ ପୁରସ୍କାର ଯୋଜନାର କୃତି ବିଜେତାମାନଙ୍କୁ ମଧ୍ୟ ଏହି ସମାରୋହରେ ସମ୍ବର୍ଦ୍ଧିତ କରାଯିବ । ପରିଶେଷରେ ମଧ୍ୟପ୍ରଦେଶର ଅଭିଳାଷୀ ଜିଲ୍ଲାର ଜିଲ୍ଲାପାଳମାନଙ୍କ ସହ ପ୍ରଧାନମନ୍ତ୍ରୀ ମତ ବିନିମୟ କରିବେ ।

## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ ହେବେ ସରପଞ୍ଚ

# ୧୯ ବର୍ଷରେ ଅବକାରୀ ରାଜସ୍ୱ ୨୮ ଗୁଣ ବଢ଼ିଛି

ଭୁବନେଶ୍ୱର ୨୩।୪ (ସକାଳ ଖବର) : ଚଳିତ ବର୍ଷ ଅବକାରୀ ରାଜସ୍ୱକୁ ୨୮ ଗୁଣ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରହିଛି। ରାଜ୍ୟରେ ଅବକାରୀ ରାଜସ୍ୱ ଆଦାୟ ସଂକ୍ରାନ୍ତରେ ବିଧାୟକ ଦିଲିପ ରାୟଙ୍କ ଏକ ପ୍ରଶ୍ନର ଉତରରେ ଅବକାରୀ ମନ୍ତ୍ରୀ ଶଶୀଭୂଷଣ ବେହେରା ଦେଇଥିବା ବିସ୍ତୃତ ବିବରଣୀ ବିଶ୍ଳେଷଣରୁ ଏହା ଜଣାପଡ଼ିଛି। ଅବକାରୀ ମନ୍ତ୍ରୀଙ୍କ ପ୍ରଦତ ତଥ୍ୟ ଅନୁଯାୟୀ ୨୦୦୦-୦୧ ଆର୍ଥିକ ବର୍ଷରେ ଓଡ଼ିଶାରେ ଅବକାରୀ ରାଜସ୍ୱ ଆଦାୟ ପରିମାଣ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ି ବଢ଼ି ୨୦୧୬-୧୭ରେ ୨୭୮୬ କୋଟି ୨୩ ଲକ୍ଷ ଟଙ୍କାରେ ପହଂଚିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ୩୬୦୦ କୋଟି ଟଙ୍କା ପରିମାଣର ଅବକାରୀ ରାଜସ୍ୱ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଉକ୍ତ ବର୍ଷରେ ଆପାତତଃ ୩୨୨୧ କୋଟି ୩ ଲକ୍ଷ ଟଙ୍କା ଅବକାରୀ ରାଜସ୍ୱ ଆଦାୟ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୩୮୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ଆଦାୟ ପାଇଁ ଧାର୍ଯ୍ୟ ଅଟକଳ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା ଦର୍ଶାଇଛନ୍ତି। ମନ୍ତ୍ରୀଙ୍କ ପ୍ରଦତ ତଥ୍ୟ ଅନୁଯାୟୀ ରାଜ୍ୟରେ ୨୦୧୭-୧୮ ଆର୍ଥିକ ବର୍ଷରେ ୪୩୦୩ ମଞ୍ଜୁରୀପ୍ରାପ୍ତ ଅବକାରୀ ଦୋକାନ **(ପୃଷ୍ଠା-୭)**

କମିଶନରେଟ୍ ପୋଲିସର ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ

# ବିଏସଏଫ ଅଧିକାରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ଜୟପୁର, ୨୩।୪ (ସକାଳ ଖବର) : ଜୟପୁର ସରକାରୀ ବସଷ୍ଟାଣ୍ଡରେ ଏକ ବସ୍‌ରୁ ଜଣେ ବିଏସଏଫ ଅଧିକାରିଙ୍କ ଶବ ଉଦ୍ଧାର କରାଯାଇଛି । ସରକାରୀ ବସ୍ ରେ ଜଣେ ବିଏସଏଫ ଅଧିକାରୀ ମୃତ୍ୟୁବରଣ କରିଛନ୍ତି । ସେ ହେଉଛନ୍ତି ହରିଆନାର ନରେଶ କୁମାର । ସେ ମାଲକାନଗିରି ବିଏସଏଫରେ କାର୍ଯ୍ୟ କରୁଥିବା ଜଣାଯାଇଛି । ନରେଶ କୁମାର ଝାରସୁଗୁଡାରୁ ଜୟପୁର ଅଭିମୁଖେ ଟିକେଟ୍ କାଟି ଆସିଥିଲେ । ଜୟପୁରରେ ପହଂଚିବା ପରେ ମାଲକାନଗିରି ଯାଇଥାନ୍ତେ । କିନ୍ତୁ ବସ୍ ଟି ଜୟପୁର ବସଷ୍ଟାଣ୍ଡରେ ପହଂଚିବା ପରେ ସମସ୍ତ ଯାତ୍ରୀ ବସ୍ ରୁ ଓହ୍ଲାଇଥିଲେ କିନ୍ତୁ ନରେଶ ଓହ୍ଲାଇ ନଥିଲେ । ନରେଶ ବସି ଥିବା ସିଟ୍ ରେ ହିଁ ତାଙ୍କ ପ୍ରାଣବାୟୁ ଚାଲିଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ସେଠାରେ ଯାତ୍ରୀଙ୍କ ଭିଡ଼ ଜମିଥିଲା । ଟାଉନ ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ଜବତ କରି ଏହାର ତଦନ୍ତ କରୁଥିବା ଜଣାଯାଇଛି ।

# œÿÀæ Ó¨Àÿ {ØƒÀÿ 125Àÿ ¯ÿfæÀÿ ¨{¯ÿÉ

# {¨æàÿÓ-þæH¯ÿæ'ÿê SÀÿ¯ÿœÿþß ¯ÿÜÿ¨Àÿþæ~Àÿ ¯ÿ¤ÿLÿ {SæÁÿæ¯ÿæÀÿ'ÿ f¯ÿ†ÿ

104-A

I&PR- 32130/11/0002/1819

# ¯ÿ¯ÿæÜÿ ¨{àÿæµÿœÿ {'ÿQæB ¾¯ÿ†ÿê `ÿæàÿæ~, 'ÿàÿæàÿ SÀÿüÿ

# 4$ 'ÿœÿ{Àÿ þ'ÿ {'ÿæLÿæœÿ ×æœÿæ,ÿÀÿ 'ÿæ¯ÿ{Àÿ þÜÿÁÿæZÿ S~™æÀÿ~æ þ'ÿ¿¨þæœÿZÿ ÉÀÿ ÿ¿Àÿ ÉLÿæÀÿ {ÜÿD$¯ÿæ Aµÿ{¾æS

# Éê ¨'ÿê¨ Lÿþ¢Àÿ þÉ œÿÿàÿÿ{LÿæÀÿ œÿ†ÿœÿ œÿ{"ÉLÿ

# µÿ'ÿLÿ{Àÿ 29†ÿþ fæ†ÿêß ÓÝLÿ ÓÀÿäæ Ó©æÜÿ

# ÉäLÿ {¾æS{ {'ÿ¯ÿæ 'ÿæ ÿê{Àÿ ¯ÿ¿æßƒ{Àÿ ¨xÿæ†ÿæ

# 1165 {Lÿs sZÿæÀÿ Óþ¯ÿß ¯ÿµÿæS Qæÿ 'ÿæ ÿ ¯ÿ™œÿÿÓµÿæ{Àÿ ¨æÿ†ÿ

# Lÿêsœÿæ‡Lÿ ¨B {¨þLÿæ þ†ÿ, {¨þLÿ SÀÿ†ÿ

---

Printed, Published & Owned by Amit Kumar Mallick Printed at Press Webline,D-2/19 Sector, Sector-A,Zone-D, Mancheswar Industrial Estate,BBSR-751010, City Office: A/69, Unit - 3, Industrial Area, Kharvel Nagar, Bhubaneswar - 1, Ph./Fax. : (0674) 2380706, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**

Óó¨æ'ÿLÿ : Aþ†ÿ LÿþæÀÿ þàÿLÿ